# एनआईसी ओडिशा ने गर्व के साथ 11वाँ राष्ट्रीय हथकरघा दिवस मनाया

एनआईसी ओडिशा राज्य एवं जिला केंद्रों ने 11वाँ राष्ट्रीय हथकरघा दिवस उत्साहपूर्वक मनाया, जिसमें भारत की समृद्ध हथकरघा परंपरा को सम्मान दिया गया और परंपरागत बुनकरों के प्रति एकजुटता व्यक्त की गई। 12 अगस्त 2025 को सभी अधिकारी एवं कर्मचारी आकर्षक हथकरघा परिधानों में नज़र आए, जो इस शिल्प के प्रति सम्मान और समर्थन का प्रतीक था। अवसर पर एक विशेष प्रेरक वार्ता आयोजित की गई, जिसमें ओड़िया सिनेमा, टीवी एवं रंगमंच के प्रसिद्ध अभिनेता और निर्देशक श्री अश्रु मोचन मोहंती ने अपने जीवन अनुभव साझा किए। उन्होंने बताया कि चाहे मार्ग कोई भी हो, जुनून हमें सच्ची पहचान तक ले जाता है। उनका प्रेरक संबोधन और संवाद शैली श्रोताओं को मंत्रमुग्ध कर गई। कार्यक्रम का समापन हथकरघा प्रदर्शनी से हुआ, जिसमें विविध उत्कृष्ट डिज़ाइन और परिधान प्रदर्शित किए गए।

## समाचार अंश

# ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରରେ ହସ୍ତତନ୍ତ ସପ୍ତାହ

ଭୁବନେଶ୍ୱର,୧୩।୮(ବ୍ୟୁରୋ): ରାଜ୍ୟରେ ଜାତୀୟ ହସ୍ତତନ୍ତ ସପ୍ତାହ ପାଳିତ ହେଉଥିବା ବେଳେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍ଆଇସି) ଭୁବନେଶ୍ୱରରେ ଫେସନ୍ ସମ୍ବଲପୁରୀ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ଅଶୋକ କୁମାର ହୋତା, ଫେସନ୍ ସମ୍ବଲପୁରୀର ବ୍ରାଣ୍ଡ ଆମ୍ବାସଡର ବରିଷ୍ଠ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଫେସନ୍ ସମ୍ବଲପୁରୀର ପ୍ରତିଷ୍ଠାତା ପୁରୁଷୋତ୍ତମ ସାହୁଙ୍କ ସମେତ ଏନ୍ଆଇସିର ବହୁ ବୈଜ୍ଞାନିକ ଏବଂ ଉଚ୍ଚପଦସ୍ଥ କର୍ମଚାରୀ ଉପସ୍ଥିତ ଥିଲେ। ସମ୍ବଲପୁରୀ ବସ୍ତ୍ର ପରିଧାନର ଉପକାରିତା ବିଷୟ ଆଲୋଚନାର ବିଷୟବସ୍ତୁ ଥିଲା। ଜଣେ ସରକାରୀ ଅବା ବେସରକାରୀ କର୍ମଚାରୀ, ଆମ ରାଜ୍ୟରେ ପ୍ରସ୍ତୁତ ହେଉଥିବା ବସ୍ତ୍ର ଟିଏ ପରିଧାନ କଲେ ତାହାର ପ୍ରଚାର ଓ ପ୍ରସାର ହେବା ସହ ଜଣେ ଶିଳ୍ପୀ ବା ବୁଣାକାରଙ୍କ ପ୍ରତି




ପ୍ରୋତ୍ସାହନ ଯୋଗାଇପାରିବା ବୋଲି ଅତିଥି ମତପ୍ରକାଶ କରିଥିଲେ। ଅଭିନେତା ଶ୍ରୀ ମହାନ୍ତି କହିଥିଲେ, ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସିଥିବାରୁ ଖଦି ପ୍ରତି ମୋର ପିଲାଟି ଦିନରୁ ଆଗ୍ରହ ଥିଲା। ପ୍ରାୟ ୨ ହଜାରରୁ ଅଧିକ ଗାଁ ବୁଲି ବୁଲି ହସ୍ତତନ୍ତର ପ୍ରଚାର ଓ ପ୍ରସାର କରିବା ପାଇଁ ଚେଷ୍ଟା କରିଛି। ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଡିଟୋରିୟମ୍‌ରେ ଏକ ହସ୍ତତନ୍ତ ପ୍ରଦର୍ଶନୀ ହୋଇଥିଲା।

**प्रमेया, दिनांक 14-08-25**